**ନିତି ଭାରତୀ**

ଦୟାର କୌଣସି ଧର୍ମ ନାହିଁ। ଧର୍ମଗୁଡ଼ିକ ସରୁ ଗଳି ଭଳି ହୋଇଥିବା ବେଳେ ଦୟା ଖୋଲା ଆକାଶ ସଦୃଶ ହୋଇଥାଏ।
- ଅମିତ୍ ରାୟ

ନିତିଦିନ NITIDIN
ବୁଧବାର, ୧୩ ଜାନୁଆରୀ ୨୦୨୧

# ଆଇଆଇଟି ଓ ସ୍ଥାନ ସଂରକ୍ଷଣ

**ପୃଷ୍ଠଭୂମି:** ସମ୍ପ୍ରତି ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି)ମାନଙ୍କରେ ଅଧ୍ୟାପକ ଚାକିରି ପାଇଁ ଏକାଧିକ ସ୍ଥାନ ଖାଲି ପଡ଼ିଅଛି। ୨୦୦୮-୨୦୧୦ ମସିହା ମଧ୍ୟରେ ଓବିସି ବା ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା କାରଣରୁ ଛାତ୍ରଛାତ୍ରୀମାନଙ୍କର ନାମ ଲେଖା କ୍ଷମତା ୫୦ ପ୍ରତିଶତ ବୃଦ୍ଧି ହୋଇଗଲା ଏବଂ ୨୦୦୮-୨୦୧୭ ମସିହା ମଧ୍ୟରେ ସରକାରଙ୍କ ଦ୍ୱାରା ଦେଶରେ ଏକାଧିକ ଆଇଆଇଟି ମଧ୍ୟ ଖୋଲାଗଲା। ଏବେ ଦେଶରେ ୨୩ଟି ଆଇଆଇଟି ରହିଅଛି ଏବଂ ଇଡବ୍ଲ୍ୟୁଏସ୍ ବା ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ସେଥିରେ ଯୋଡ଼ା ଯାଇଅଛି। ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସଂଖ୍ୟାର ଅନୁପାତରେ ହ୍ରାସ ଘଟିଛି। ଆଇଆଇଟିରେ ଶିକ୍ଷକ ନିଯୁକ୍ତି ପାଇଁ ସର୍ବନିମ୍ନ ଯୋଗ୍ୟତାର ମାପକାଠି ପିଏଚ୍.ଡି ଡିଗ୍ରୀ ରହି ଥିବାରୁ ସଂରକ୍ଷିତ ଶ୍ରେଣୀ ମଧ୍ୟରୁ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ମିଳିବା ଅତ୍ୟନ୍ତ କଷ୍ଟସାଧ ବ୍ୟାପାର ହୋଇ ପଡୁଛି। ଏସବୁକୁ ଦୃଷ୍ଟିକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆଇଆଇଟିମାନଙ୍କରେ କିଭଳି ଭାବେ ସଂରକ୍ଷଣ ବ୍ୟବସ୍ଥା ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇ ପାରିବ, ସେ ନେଇ ଏକ କମିଟି ଗଠନ କରିଛି।

**ନିଯୁକ୍ତି ପାଇଁ ଦାୟୀ କିଏ?:** ପିଲାମାନଙ୍କର ନାମଲେଖା ଏବଂ ଶିକ୍ଷକମାନଙ୍କର ନିଯୁକ୍ତି ସେଣ୍ଟ୍ରାଲ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସ (ରିଜର୍ଭେସନ ଇନ ଆଡମିସନ) ଆକ୍ଟ-୨୦୦୬ ଏବଂ ସେଣ୍ଟ୍ରାଲ



ଡକ୍ଟର ଚିତ୍ତରଂଜନ ମିଶ୍ର

ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସ (ରିଜର୍ଭେସନ ଇନ ଟିଚର୍ସ କ୍ୟାଡର) ଆକ୍ଟ-୨୦୦୯ ଅନ୍ତର୍ଭୁକ୍ତ ହୋଇଅଛି। ଉପଭୋକ୍ତାମାନେ ହେଲେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ ଗୋଷ୍ଠୀ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠନ କରା ଯାଇଥିବା କମିଟିର ଅଧ୍ୟକ୍ଷ ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଭି ରାମଗୋପାଳ ରାଓଙ୍କ ନେତୃତ୍ୱରେ ୨୦୨୦ ମସିହାରେ ଦୁଇ ଥର କମିଟି ବୈଠକ ବସି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପ୍ରଥମ ନିଷ୍ପତ୍ତିଟି ହେଲା, ସରକାର ଆଇଆଇଟିମାନଙ୍କୁ ୨୦୧୯ ମସିହା ଆଇନର ସିଡ୍ୟୁଲର ଅନ୍ତର୍ଭୁକ୍ତ କରି ଫାକଲ୍‌ଟି ସଂରକ୍ଷଣ ପ୍ରଶ୍ନକୁ ପଛ ଆସନକୁ ଠେଲିଦେଇ ସେମାନଙ୍କୁ ଏଥିରୁ ଅବ୍ୟାହତ ଦେବା ଉଚିତ ହେବ, ଯେପରିକି ଜାତୀୟ ଗୁରୁତ୍ୱ ବହନ କରୁଥିବା କେତେକ ପ୍ରତିଷ୍ଠାନ ବା 'ଇନ୍‌ଷ୍ଟିଚ୍ୟୁସନ୍ସ ଅଫ ଏକ୍ସଲେନ୍ସ' କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଅଛି। ଦ୍ୱିତୀୟ ନିଷ୍ପତ୍ତିଟି ହେଲା, ନିଯୁକ୍ତିର ବର୍ଷରେ ଯଦି ଉପଯୁକ୍ତ ଫାକଲ୍‌ଟି ମିଳୁ ନାହାନ୍ତି, ତେବେ ସେହି ପୋଷ୍ଟଗୁଡ଼ିକୁ ଅଣ ସଂରକ୍ଷିତ କରାଯାଉ। ଏହି ଦୁଇଟି ସୁପାରିସ, ପରାମର୍ଶ ବା ଅନୁରୋଧ ଦେଶରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଛି, ଯାହାକି ସରକାରଙ୍କ ସଂରକ୍ଷଣ ଚିନ୍ତାଧାରାର ମୂଳ ଉଦ୍ଦେଶ୍ୟ ଓ ଭିତ୍ତିଭୂମିକୁ ଗୋଟାପଣେ ଦୋହଲାଇ ଦେଇଛି।

**ସଂରକ୍ଷଣ ଶ୍ରେଣୀରୁ ଉପଯୁକ୍ତ ଫାକଲ୍‌ଟି ପାଇବା ଏତେ କଷ୍ଟସାଧ ହୋଇ ପଡୁଛି କାହିଁକି?:** କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଦେଶର ଏକ ସ୍ୱତନ୍ତ୍ର ଆଇନ ଅନୁଯାୟୀ ଆଇଆଇଟିଗୁଡ଼ିକ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ମୂଳ ଉଦ୍ଦେଶ୍ୟ ଥିଲା ଦେଶରେ ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ ବା 'ଇନ୍‌ଷ୍ଟିଚ୍ୟୁସନ୍ସ ଅଫ ଏକ୍ସଲେନ୍ସ'ର ସର୍ଜନା କରିବା ଯାହାର ପ୍ରମୁଖ ଆଭିମୁଖ୍ୟ ହେବ ଜାତୀୟ ଓ ବିଶ୍ୱ ପ୍ରଗତି। ଏହି ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ହେଲେ ଆଇଆଇଟିମାନଙ୍କୁ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷା ଓ ଗବେଷଣାର ପଥକୁ ବରଣ କରି ନେବାକୁ ପଡ଼ିବ। ତେଣୁ ଏଭଳି ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନମାନଙ୍କରେ ଫାକଲ୍‌ଟି ପୋଜିସନ୍ ପାଇବାକୁ ହେଲେ ଶିକ୍ଷକ ଜଣକ ନିଶ୍ଚିତ ରୂପେ ପିଏଚ୍.ଡି ଡିଗ୍ରୀ ହୋଲ୍ଡର ହେବା ଏକାନ୍ତ ପ୍ରୟୋଜନ। ପିଏଚ୍.ଡି ଡିଗ୍ରୀ ସହିତ ଶିକ୍ଷକ ଜଣକ ଅତ୍ୟନ୍ତ ଉଚ୍ଚ ମାନଯୁକ୍ତ ଏକାଡେମିକ ରେକର୍ଡ୍ସର ଅଧିକାରୀ ହେବା ସହ ଅତ୍ୟନ୍ତ ଉଚ୍ଚକୋଟୀର ଗବେଷଣା ସାଫଲ୍ୟ ମଧ୍ୟ ହାସଲ କରିଥିବା ଏକାନ୍ତ ଅପରିହାର୍ଯ୍ୟ ଅଟେ।

ଆଇଆଇଟିଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ବିଧି ବିଧାନର ପରିସର ଅନ୍ତର୍ଭୁକ୍ତ ହୋଇଥାନ୍ତି ଓ ତତ୍ ସହ ମାନବ ସମ୍ବଳ ମନ୍ତ୍ରଣାଳୟ (ଏବକାର ଶିକ୍ଷା ମନ୍ତ୍ରଣାଳୟ)ର ବିଶାଳ ଛତା ତଳେ ରହି ଏକ ନମନୀୟ ଓ ପରିବର୍ତ୍ତନଶୀଳ କ୍ୟାଡର ଷ୍ଟ୍ରକ୍‌ଚର୍ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଏହା ଫଳରେ ଆଇଆଇଟିଗୁଡ଼ିକ ଫାକଲ୍‌ଟି ପୋଜିସନକୁ ସ୍ଥିତାବସ୍ଥାରେ ରଖିବା ପାଇଁ ସମର୍ଥ ହୋଇ ଥାଆନ୍ତି। ଯେଉଁ ଫାକଲ୍‌ଟିମାନେ ଅସାଧାରଣ ବିଦ୍‌ବତ୍ତା, ପ୍ରଚଣ୍ଡ ଦକ୍ଷତା ଓ ଅନନ୍ୟ ଗୁଣବତ୍ତା ପ୍ରଦର୍ଶନ କରିଥାନ୍ତି, ସେମାନଙ୍କୁ ଉଚ୍ଚ ପଦ ପଦବୀରେ ମଧ୍ୟ ଅଧିଷ୍ଠିତ କରାଯାଇଥାଏ ଓ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପଦବୀ ମଧ୍ୟ ସୃଷ୍ଟି କରାଯାଇଥାଏ। ତଥାପି ବର୍ଷ ପରେ ବର୍ଷ ଅଧିକରୁ ଅଧିକ ଛାତ୍ର ଆଇଆଇଟି ସିଷ୍ଟମ ମଧ୍ୟକୁ ପ୍ରବେଶ କରୁ ଥିବାରୁ, ଦେଶରେ ନୂଆ ନୂଆ ଆଇଆଇଟି ଖୋଲୁ ଥିବାରୁ ଏବଂ ଅର୍ଥନୈତିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ସ୍ୱତନ୍ତ୍ର କୋଟା ସୃଷ୍ଟି କାରଣରୁ ସିଲେକ୍ସନ କମିଟି ଫାକଲ୍‌ଟି ପୋଜିସନ ପୂରଣ କରିବା ପାଇଁ ଯଥେଷ୍ଟ ପ୍ରାର୍ଥୀ ପାଇବାରେ ଅସମର୍ଥ ହେଉଛନ୍ତି।

ପ୍ରାୟ ୧୦ ବର୍ଷ ପୂର୍ବେ ଛାତ୍ର ଓ ଫାକଲ୍‌ଟିମାନଙ୍କ ମଧ୍ୟରେ ଅନୁପାତ ପ୍ରାୟ ୬:୧ ଥିବାର ଅଟକଳ କରାଯାଉଥିଲା, ଯାହା ଫଳରେ କି ପାଠ୍ୟକ୍ରମର ପ୍ରୋଜେକ୍ଟଗୁଡ଼ିକୁ ଅତି ନିକଟରୁ ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରିବାରେ ଅତ୍ୟନ୍ତ ସୁବିଧା ହେଉଥିଲା ଓ ତାହା ଆଇଆଇଟି ପାଠ୍ୟକ୍ରମଗୁଡ଼ିକୁ ଅସାଧାରଣ ଓ ଅଦ୍ୱିତୀୟ କରି ଗଢ଼ି ତୋଳୁଥିଲା। ପର୍ଯ୍ୟାୟକ୍ରମେ ଏହି ଅନୁପାତ ଖସି ୧୨:୧ରେ ଆସି ପହଞ୍ଚିଲା ଏବଂ ଆଗକୁ ଏହି ଅନୁପାତରେ ଆହୁରି ଅବକ୍ଷୟ ପରିଦୃଷ୍ଟ ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର କମିଟି ଦର୍ଶାଇଛି ଯେ ଛାତ୍ର ଓ ଫାକଲ୍‌ଟିମାନଙ୍କ ମଧ୍ୟରେ ଅତ୍ୟୁତ୍ତମ ବା ଅନୁକୂଳତମ ଅନୁପାତ ୧୦:୧ ହେବା ଏକାନ୍ତ ଆବଶ୍ୟକ ଯାହାକୁ ଭିତ୍ତି କରି ଅନୁଷ୍ଠାନର ଫାକଲ୍‌ଟି ମେମ୍ବରମାନଙ୍କ ସଂଖ୍ୟା ଧାର୍ଯ୍ୟ କରାଯାଇଛି।

ବାସ୍ତବ କଥାଟି ହେଲା, ସଂରକ୍ଷିତ ଶ୍ରେଣୀରୁ ଯଥେଷ୍ଟ ସଂଖ୍ୟକ କ୍ୟାଣ୍ଡିଡେଟ ବା ପ୍ରାର୍ଥୀ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ଗବେଷଣା କ୍ଷେତ୍ରକୁ ପ୍ରବେଶ କରୁ ନାହାନ୍ତି। ଆଉ ଯେଉଁ ଅଳ୍ପ ସଂଖ୍ୟକ ପ୍ରାର୍ଥୀ ପ୍ରବେଶ କରୁଛନ୍ତି, ତନ୍ମଧ୍ୟରୁ କ୍ଷୁଦ୍ରାତି କ୍ଷୁଦ୍ର ଗୋଷ୍ଠୀ ଶିକ୍ଷାଦାନକୁ ଏକ ବୃତ୍ତି ଭାବରେ ବରଣ କରୁଛନ୍ତି। ଏହା ଫଳରେ ସଂରକ୍ଷଣ ନିୟମକୁ ଜାବୁଡ଼ି ଧରି ମନୋନୟନ ପ୍ରକ୍ରିୟା ନିର୍ବାହ ହେବା କାରଣରୁ ସଂରକ୍ଷିତ ଶ୍ରେଣୀରୁ ଫାକଲ୍‌ଟି ମିଳିବା ଅତ୍ୟନ୍ତ କଷ୍ଟସାଧ ବ୍ୟାପାର ହୋଇ ପଡୁଛି।

**କମିଟି କେଉଁ ସମାଧାନର ପଥ ଖୋଜି ବୁଲୁଛି:** କମିଟି ଦୁଇଟି ପ୍ରସ୍ତାବ ସରକାରଙ୍କ ପାଖରେ ଉପସ୍ଥାପନା କରିଛି। ଫାକଲ୍‌ଟି ନିଯୁକ୍ତିକୁ ନେଇ ୨୦୧୯ ମସିହା ଆଇନ ଅନ୍ତର୍ଗତ ସିଡ୍ୟୁଲରେ ଆଇଆଇଟିମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ ଯାହା ଫଳରେ କି ଆଇଆଇଟିମାନେ ସ୍ଥାନ ସଂରକ୍ଷଣରୁ ମୁକ୍ତ ହୋଇଯିବେ ଯେପରିକି ଦେଶର ଅନ୍ୟ 'ଇନ୍‌ଷ୍ଟିଚ୍ୟୁସନ୍ସ ଅଫ ଏକ୍ସଲେନ୍ସ' କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଅଛି। ଦ୍ୱିତୀୟ ପ୍ରସ୍ତାବଟି ହେଲା, ଆସିଷ୍ଟାଣ୍ଟ ପ୍ରଫେସର ଗ୍ରେଡ୍-୧ ଓ ଆସିଷ୍ଟାଣ୍ଟ ପ୍ରଫେସର ଗ୍ରେଡ୍-୨ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ ଏବଂ ଏହି ସଂରକ୍ଷଣ ମଧ୍ୟରେ ଆର୍ଥିକ ଅନଗ୍ରସର ଶ୍ରେଣୀର ପ୍ରାର୍ଥୀମାନଙ୍କୁ ମଧ୍ୟ ବିବେଚନାକୁ ନିଆଯାଉ। ଏହି ନିଯୁକ୍ତି ପ୍ରତ୍ୟେକଟି ଡିପାର୍ଟମେଣ୍ଟ ବା ବିଭାଗ ପାଇଁ ନ ହୋଇ ପୂରା ଆଇଆଇଟି ପାଇଁ କାର୍ଯ୍ୟକାରୀ ହେଉ। ଯେଉଁ କ୍ଷେତ୍ରରେ ସଂରକ୍ଷଣ ଶ୍ରେଣୀରୁ ଉପଯୁକ୍ତ ପ୍ରାର୍ଥୀ ନ ମିଳିବେ, ସେହି ପୋଷ୍ଟଗୁଡ଼ିକ ଆଗାମୀ ବର୍ଷ ପାଇଁ ଅଣ ସଂରକ୍ଷିତ ହୋଇଯିବ ଏବଂ ଏହା ବୋର୍ଡ ଅଫ ଗଭର୍ଣ୍ଣର୍ସଙ୍କ ଅନୁମୋଦନସାପେକ୍ଷ ହେବ। ପୁନଶ୍ଚ, ଆସୋସିଏଟ ପ୍ରଫେସର ଓ ପ୍ରଫେସର ପୋଷ୍ଟଗୁଡ଼ିକ ସଂରକ୍ଷଣରୁ ସମ୍ପୂର୍ଣ୍ଣ ରୂପେ ଦାୟମୁକ୍ତ ହେବେ ବା ବାଦ୍ ପଡ଼ିବେ।

ସଂରକ୍ଷଣ ଶ୍ରେଣୀ ମଧ୍ୟରୁ ଏକ 'ଟ୍ୟାଲେଣ୍ଟ ପୁଲ' ବା ମେଧାବୀ କୁଣ୍ଡ ସୃଷ୍ଟି କରିବା ପାଇଁ ପ୍ରଫେସର ରାମଗୋପାଳ ରାଓଙ୍କ ପ୍ୟାନେଲ ଏକ ଦୁଇବର୍ଷିଆ ରିସର୍ଚ୍ଚ ଆସିଷ୍ଟାଣ୍ଟସିପ୍ ସୃଷ୍ଟି କରିବା ପାଇଁ ଏକ ପ୍ରସ୍ତାବ ଉପସ୍ଥାପନା କରିଛନ୍ତି ଯାହାକି ସମ୍ପୂର୍ଣ୍ଣ ରୂପେ କେନ୍ଦ୍ର ଦ୍ୱାରା ଆର୍ଥିକ ଅନୁଦାନ ଲାଭ କରିବ। ଏହି ରିସର୍ଚ୍ଚ ଆସିଷ୍ଟାଣ୍ଟସିପ୍‌ରେ ଏପରି ବ୍ୟବସ୍ଥା ରହିବ ଯେ କ୍ୟାଣ୍ଡିଡେଟ ବା ପ୍ରାର୍ଥୀମାନେ ତାଙ୍କ ଇଚ୍ଛା ଅନୁଯାୟୀ ପରବର୍ତ୍ତୀ ପର୍ଯ୍ୟାୟରେ ପିଏଚ୍.ଡି କରିବେ ଯାହାକି ଆଇଆଇଟିମାନଙ୍କର କଠୋର ମାନଦଣ୍ଡ ଅନ୍ତର୍ଭୁକ୍ତ ହେବ।

**ସରକାରଙ୍କ ସ୍ଥିତି କ'ଣ?:** ପ୍ରଫେସର ରାମଗୋପାଳ ରାଓଙ୍କ କମିଟି ରିପୋର୍ଟ ଦେଶର ଜଣେ ଉତ୍ସାହୀ ନାଗରିକଙ୍କ ଦ୍ୱାରା ସୂଚନା ଅଧିକାର ଆଇନ ଅଧୀନରେ ଉପଲବ୍ଧ ହୋଇଥିଲା ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହା ଏବେ 'ଅଣ୍ଡର ଏକ୍‌ଜାମିନେସନ' ବା ପରୀକ୍ଷା ନିରୀକ୍ଷା ଅନ୍ତର୍ଗତ ଅଛି। ଯଦିଓ ଏହି ରିପୋର୍ଟ ଏକ 'କ୍ରିଟିକାଲ ଗ୍ୟାପ୍' ବା 'ଜଟିଳ ଶୂନ୍ୟସ୍ଥାନ' ପୂରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ହେଲେ ସ୍ଥାନ ସଂରକ୍ଷଣକୁ ସମ୍ପୂର୍ଣ୍ଣ ରୂପେ ଉଠେଇ ଦେବା ପାଇଁ କମିଟି କରିଥିବା ସୁପାରିସ ବା ଅନୁରୋଧ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇପାରୁ ନାହିଁ ଓ କେନ୍ଦ୍ର ସରକାରଙ୍କ ସ୍ଥିତି ପ୍ରତି ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରୁଛି। ୨୦୧୯ ମସିହା ନଭେମ୍ବର ମାସରେ କେନ୍ଦ୍ର ସରକାର ଏକ ନୋଟିଫିକେସନ୍ ଜାରି କରିଥିଲେ ଯେ ସେଣ୍ଟ୍ରାଲ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସ ଯାହା ମଧ୍ୟରେ ଆଇଆଇଟି ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ମ୍ୟାନେଜମେଣ୍ଟ ପରିଗଣିତ ହୋଇଥାଏ, ଦୃଢ଼ ନିଶ୍ଚିତ କରିବେ ଯେ ଫାକଲ୍‌ଟି ପୋଜିସନ ଓ ସିନିଅର ଫାକଲ୍‌ଟି ପୋଜିସନର ଚୟନରେ ସଂରକ୍ଷଣ ବ୍ୟବସ୍ଥାର ମାନ ବା ଢାଞ୍ଚା ଯେପରି ପୂର୍ଣ୍ଣ ସୁରକ୍ଷିତ ରୁହେ। ଶିକ୍ଷା ମନ୍ତ୍ରଣାଳୟ ସଂରକ୍ଷଣ ବ୍ୟବସ୍ଥା ନ ରଖିବା ପାଇଁ ଏବେ ଏକ ସୁପାରିସ କରୁଛି ଏବଂ ଗୋଟିଏ ଆଇଆଇଟିକୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ପରିଗଣିତ କରିବାକୁ ନିଜ ଚିନ୍ତାଧାରାକୁ ପୁଣି ଦୋହରାଉଛି। ଏହା ପଛର ଚିନ୍ତାଧାରାଟି ହେଲା ନିର୍ଦ୍ଦିଷ୍ଟ ଡିପାର୍ଟମେଣ୍ଟ ବା ବିଭାଗ ଆଧାରରେ ନୁହେଁ, ବରଂ ସଂରକ୍ଷିତ ପୋଷ୍ଟମାନଙ୍କର ଏକ ରୋଷ୍ଟର ବା କର୍ମ ପର୍ଯ୍ୟାୟ ତାଲିକା ପ୍ରସ୍ତୁତ କରିବା। ■

ବି-୩, ଏଚଆଇଜି କଲୋନୀ,
ବରମୁଣ୍ଡା ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ: ୯୯୩୮୨୦୪୯୯୩
crmishra49@yahoo.in

# ଶିକ୍ଷାର ସାମଗ୍ରିକତା

ମହାମାରୀ କୋଭିଡ୍-୧୯ ସଂକ୍ରମଣର ପ୍ରାଦୁର୍ଭାବ ସାମାନ୍ୟ ପ୍ରଶମିତ ହେବା ପରେ ଏବେ ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ଗୁଣା ଅଧିକେ ଖୋଲିଛି, ଯଦିଓ କଡ଼ା କଟକଣା ଓ ନିୟମ କାନୁନ୍ ଭିତରେ ଶ୍ରେଣୀଗୃହ ପାଠପଢ଼ା କେବଳ ଉଚ୍ଚ ଶ୍ରେଣୀଗୁଡ଼ିକ ମଧ୍ୟରେ ସୀମିତ ରହିଛି। ମହାମାରୀର ପ୍ରତିକୂଳ ପ୍ରଭାବ ସମାଜର ସବୁ କ୍ଷେତ୍ର ଉପରେ ପଡ଼ିଛି। ଶିକ୍ଷା କ୍ଷେତ୍ର ଏଥିରୁ ବାଦ୍ ଯାଇ ନାହିଁ। ଅନ୍‌ଲାଇନ୍‌ରେ ଶିକ୍ଷାଦାନ ପାଇଁ ସରକାର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଯଥେଷ୍ଟ ଉଦ୍ୟମ କରାଯିବା ସତ୍ତ୍ୱେ ଅନେକ ଛାତ୍ରଛାତ୍ରୀଙ୍କର ଗୋଟିଏ ବର୍ଷର ପାଠପଢ଼ା ପ୍ରାୟ ନଷ୍ଟ ହୋଇଛି ବୋଲି କୁହାଯାଇପାରେ। ଏବେ ଯେତେବେଳେ ଧୀରେ ଧୀରେ ପ୍ରାକ୍-ମହାମାରୀ ଅବସ୍ଥା ଭଳି ସ୍କୁଲ କଲେଜଗୁଡ଼ିକ କାର୍ଯ୍ୟ କରିବା ସମ୍ପର୍କରେ ସରକାର ଚିନ୍ତା କରୁଛନ୍ତି, ଡ୍ରପ୍‌ଆଉଟ୍ ବା ଶ୍ରେଣୀଗୃହରୁ ଅନୁପସ୍ଥିତ ରହିବା ପିଲାଙ୍କ ସଂଖ୍ୟା, ବିଶେଷକରି ସ୍କୁଲ ସ୍ତରରେ ଏହା ବଢ଼ିବାର ଆଶଙ୍କା ଦେଖା ଦେଇଛି। ତେଣୁ ଆସନ୍ତା ବର୍ଷ ସ୍କୁଲଗୁଡ଼ିକରେ ଏହି ଅବସ୍ଥାକୁ ଏଡ଼ାଇ ଯିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ ପରୀକ୍ଷାରେ ଅଟକ ରଖିବା କ୍ଷେତ୍ରରେ ଆଂଶିକ କୋହଳ ନୀତି ଅବଲମ୍ବନ କରି ଲକ୍ଷ ଲକ୍ଷ ପିଲାଙ୍କ ମନରେ ସେମାନଙ୍କର ବର୍ଷଟିଏ ନଷ୍ଟ ହୋଇ ଯାଇଥିବାର ଉତ୍କଣ୍ଠାକୁ ଦୂର କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସ୍କୁଲଗୁଡ଼ିକ ବହୁସଂଖ୍ୟକ ପିଲାଙ୍କ ସମାବେଶ ଘଟିବାର ସ୍ଥାନ ହୋଇ ଥିବାରୁ ମହାମାରୀର ପ୍ରାଦୁର୍ଭାବ ସମୟରେ ଏଗୁଡ଼ିକ ଚଳାଇ ରଖିବା କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଅସମ୍ଭବ ହୋଇ ପଡ଼ିଥିଲା। ୟୁନେସ୍କୋର ଆକଳନ ଅନୁସାରେ ସମଗ୍ର ବିଶ୍ୱରେ ୨୦୨୦ ଶେଷ ସୁଦ୍ଧା ପ୍ରାୟ ୩୨୦ ମିଲିଅନ୍ ଛାତ୍ରଛାତ୍ରୀ ସ୍କୁଲ ଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ। ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବା ତଥା ସ୍କୁଲଗୁଡ଼ିକ ଖୋଲିବାକୁ ଆରମ୍ଭ କରିଥିବା ବେଳେ ଏବେ ଦକ୍ଷିଣ ଓ ପଶ୍ଚିମ ଏସିଆ ସହିତ ଆଫ୍ରିକାର ସବ୍-ସାହାରା ଅଞ୍ଚଳଗୁଡ଼ିକରେ ଛାତ୍ରଛାତ୍ରୀମାନେ ପୂର୍ଣ୍ଣ ସଂଖ୍ୟାରେ ସ୍କୁଲ ଏବଂ ସହାୟକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସି ପାଠ ପଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଶିକ୍ଷା ବର୍ଷ ପାଇଁ ଯୋଜନା କରିବା ପୂର୍ବରୁ ଏହି କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ଆକଳନ କରି ସେସବୁର ନିରାକରଣ କରାଯିବା ଉପରେ ହିଁ ନିର୍ଭର କରେ ସମସ୍ତଙ୍କୁ ଶିକ୍ଷାଦାନ କରିବା ଉଦ୍ଦେଶ୍ୟର ସଫଳତା।

ଭାରତରେ ସ୍କୁଲ ଶିକ୍ଷା କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ଉପରୁ-ତଳ କ୍ରମରେ ହୋଇଥାଏ। ମହାମାରୀ ସମୟରେ ଦେଶର ନୂତନ ଶିକ୍ଷା ନୀତି ସମ୍ପର୍କରେ ଘୋଷଣା ହୋଇଥିଲେ ସୁଦ୍ଧା ଯେ ପର୍ଯ୍ୟନ୍ତ ଉପରୁ ଅର୍ଥାତ୍ ସରକାରଙ୍କ ନିର୍ଦ୍ଦେଶ ଆସିନାହିଁ, ସେଯାଏଁ ହୁଏତ ଏହାକୁ କାର୍ଯ୍ୟକାରୀ କରାଯାଇ ନପାରେ। କିନ୍ତୁ ଦେଶ ନିକଟରେ ବିପୁଳ ପ୍ରଶାସନିକ ସମ୍ବଳ ରହିଥିବାରୁ ଏହାକୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ବା ସହାୟକ ଶିକ୍ଷାନୁଷ୍ଠାନଗୁଡ଼ିକରେ ମହାମାରୀ ଯୋଗୁଁ ସୃଷ୍ଟି ହୋଇଥିବା ଅସୁବିଧାଗୁଡ଼ିକ ନିରୂପଣ କରିବା ପାଇଁ ବ୍ୟବହାର କରାଯାଇପାରେ। ମହାମାରୀର ସଂକ୍ରମଣ ଶିଖରରେ ଥିବା ବେଳେ ରାଜ୍ୟ ସରକାରମାନେ ଅନ୍‌ଲାଇନ୍ ଶିକ୍ଷାଦାନ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେଇଥିଲେ; ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଉଦ୍ୟମ କରିଥିଲେ ପିଲାମାନଙ୍କୁ ସେମାନଙ୍କର ସର୍ବୋତ୍କୃଷ୍ଟ ଶିକ୍ଷାଦାନ କରିବାକୁ। ସେହିପରି ବର୍ତ୍ତମାନ ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ସୁସ୍ଥତା ସମ୍ପର୍କରେ ସରକାର ଓ ଶିକ୍ଷାଦାନ ସହିତ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅନେକ ସତର୍କତାମୂଳକ ପଦକ୍ଷେପ ନେଉଛନ୍ତି। ତେବେ ଏସବୁ ସତ୍ତ୍ୱେ ଯେଉଁ ଛାତ୍ରଛାତ୍ରୀମାନଙ୍କ ପକ୍ଷେ ସ୍କୁଲକୁ ଫେରିବା ସମ୍ଭବପର ହେଉନାହିଁ, ସେ ବାବଦରେ ଜାଣିବା ପାଇଁ ସେମାନେ ଘର ଘର ବୁଲି ସର୍ଭେ କରି ସେମାନଙ୍କର ଅସୁବିଧା ସମ୍ପର୍କରେ ଅବଗତ ହେବା ଉଚିତ। ଏହା ଏକ କଟୁ ସତ୍ୟ ଯେ ମହାମାରୀ କୋଭିଡ୍ ଅନେକ ପରିବାରର ଆର୍ଥିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ତେଣୁ ସେହିସବୁ ପରିବାରର ପିଲାମାନଙ୍କର ସ୍କୁଲକୁ ଫେରିବାର ସମ୍ଭାବନା କ୍ଷୀଣ। ଅତଏବ, ଏଭଳି ପରିବାରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯିବା ନିତାନ୍ତ ଆବଶ୍ୟକ, ଯଦ୍ଦ୍ୱାରା ସରକାର ସେମାନଙ୍କୁ କିଛି ପ୍ରୋତ୍ସାହନ ପ୍ରଦାନ କରି ସ୍କୁଲରେ ଅନୁପସ୍ଥିତିକୁ ରୋକିବାକୁ ଯୋଜନା କରି ପାରିବେ। ଶିକ୍ଷା ବାବଦରେ ସରକାରଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ସେସ୍‌କୁ କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ବା ଅନ୍ୟାନ୍ୟ ରିଲିଫ୍ ଯୋଜନା ଜରିଆରେ ଉପରୋକ୍ତ ଡ୍ରପ୍‌ଆଉଟ୍‌କୁ ରୋକିବା ବାବଦରେ ବ୍ୟୟ କରାଯାଇପାରେ। ସ୍କୁଲଗୁଡ଼ିକରେ ପରୀକ୍ଷାରେ ପାସ୍ ଫେଲ୍ ବ୍ୟବସ୍ଥା କ୍ଷେତ୍ରରେ ରହିଥିବା କଠୋରତାକୁ କିଛି ବର୍ଷ ପୂର୍ବେ ସମାଲୋଚନା କରାଯାଇଥିବା ବେଳେ ବର୍ଷେ ଦୁଇବର୍ଷ ପୂର୍ବେ ଯେତେବେଳେ ଏହାକୁ ଉଠାଇ ଦିଆଯିବା କଥା ଚିନ୍ତା କରାଗଲା, ସେତେବେଳେ ମଧ୍ୟ ତାକୁ ନେଇ ବିତର୍କର ସୂତ୍ରପାତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କର ପାରିବାରିକ ପୃଷ୍ଠଭୂମି ଓ ଶୈକ୍ଷିକ ପ୍ରସ୍ତୁତି ହିଁ ଉପରୋକ୍ତ ବିତର୍କଗୁଡ଼ିକୁ ଖୋରାକ ଯୋଗାଇ ଥିଲା। ମହାମାରୀ ସମୟରେ ଏହି କାରଣଗୁଡ଼ିକ ଅଧିକ ପୁଷ୍ଟ ହୋଇଛି। ଅନ୍‌ଲାଇନ୍ ଶିକ୍ଷା ସମସ୍ତଙ୍କ ପକ୍ଷେ ଲାଭ କରିବା ସମ୍ଭବପର ହୋଇନାହିଁ। ଏଭଳି ପରିସ୍ଥିତିରେ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଅଟକ ରଖିବା କ୍ୱଚିତ୍ ଠିକ୍ ହେବ। ଦାରିଦ୍ର୍ୟ, ଆର୍ଥିକ ଅଭାବ ଅନଟନ ଏବଂ ଦୁର୍ବଳ ସ୍ୱାସ୍ଥ୍ୟ ସ୍କୁଲଗୁଡ଼ିକରେ ଡ୍ରପ୍‌ଆଉଟ୍‌ର କେତେକ ପ୍ରମୁଖ କାରଣ ବୋଲି ମହାମାରୀ କୋଭିଡ୍ ପୂର୍ବରୁ ମଧ୍ୟ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ। ଆଉ ଏକଥା ଅଧିକ ପୁଷ୍ଟ ହୋଇଛି ମହାମାରୀ କାଳରେ ଅନ୍‌ଲାଇନ୍ ଶିକ୍ଷାଦାନ ସମୟରେ, ଯେତେବେଳେ ଅନେକ ପିଲା ପାଠ ପଢ଼ିବାରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ନିକଟରେ ଆବଶ୍ୟକୀୟ ସାଧନ ଯଥା ମୋବାଇଲ, ଲ୍ୟାପଟପ୍ ଇତ୍ୟାଦି କିଣିବାର ସାମର୍ଥ୍ୟ ନଥିବାରୁ। ଆଉ କିଛିଦିନ ପରେ ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଥିବା ବେଳେ ସବୁ ଛାତ୍ରଛାତ୍ରୀଙ୍କୁ ଏହା ଖୁବ୍ ଶୀଘ୍ର ଉପଲବ୍ଧ ହେବାର ସମ୍ଭାବନା ନାହିଁ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ସବୁ ବର୍ଗର ଛାତ୍ରଛାତ୍ରୀମାନେ କିପରି ସ୍କୁଲକୁ ଆସିବେ ଏବଂ ଡ୍ରପ୍‌ଆଉଟ୍ ନହେବେ, ସେଥିପାଇଁ ଏକ ସୁରକ୍ଷା ବଳୟ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ■

## ବିଚାରରେ ସକାରାତ୍ମକ ଭାବନା

ଜୀବନରେ ଅନେକ ସମସ୍ୟା ଆସିଥାଏ। ସେ ସବୁରେ ନକାରାତ୍ମକ ଚିନ୍ତାଧାରାକୁ ଦେଖିଲେ ଉନ୍ନତି ପଥରେ ଯାଇ ହୋଇ ନଥାଏ। ସକାରାତ୍ମକ ଦୃଷ୍ଟିକୋଣ ହିଁ କୌଣସି କ୍ଷେତ୍ରରେ ଆଗକୁ ଯିବା ପାଇଁ ସହଯୋଗ କରିଥାଏ। ତେଣୁ ବିଚାରରେ ସକାରାତ୍ମକ ଭାବନା ରହିବା ଉଚିତ୍।

ସମସ୍ତ ଶିଷ୍ୟ ଆଶ୍ଚର୍ଯ୍ୟ ହେଉଥିଲେ। ଆଶ୍ରମରେ ପୁଣି ମଦ! ଅସମ୍ଭବ କଥା। ଏହାକୁ ଗାନ୍ଧିଜୀ ପ୍ରଶ୍ରୟ ଦେଉଛନ୍ତି କିପରି? ଲୋକେ ଜାଣିଲେ କ'ଣ ଭାବିବେ? ନିଜେ ମଦ୍ୟପାନ ବିରୁଦ୍ଧରେ ଆନ୍ଦୋଳନ କରୁଛନ୍ତି, ଅଥଚ ତାଙ୍କ ଆଶ୍ରମବାସୀ ମଦ ପିଉଛନ୍ତି? ନାନାଦି କଥା ଆଲୋଚନା

ଉତ୍ତିଷ୍ଠତ
ପଦାରବିନ୍ଦ

ଚାଲିଥିଲା ଅନୁଗାମୀମାନଙ୍କ ଭିତରେ। ଦିନେ ନୁହେଁ, ଦୁଇଦିନ ନୁହେଁ, ବେଶ୍ କିଛି ଦିନ ଧରି ଲୋକଟା ନିଇତି ସନ୍ଧ୍ୟାରେ ମଦ୍ୟପାନ କରି ଆସୁଥିଲା।

ଅନ୍ୟ ଦିନମାନଙ୍କ ପରି ସେଦିନ ସନ୍ଧ୍ୟାରେ ପ୍ରାର୍ଥନା ସଭା ଶେଷ ହେଲା। ପ୍ରାୟ ସମସ୍ତେ ଯୋଗ ଦେଇଥିଲେ। କିଛି ଲୋକ ମଦ୍ୟପ ବିରୁଦ୍ଧରେ ଅଭିଯୋଗ ଆଣିଲେ। ଗାନ୍ଧିଜୀ କହିଲେ- 'ଏ ଆଶ୍ରମ ତ ସେହିମାନଙ୍କ ପାଇଁ, ଯେଉଁମାନେ ମଦ୍ୟପାନ କରି ଥାଆନ୍ତି। ଭଲ ଲୋକମାନଙ୍କ ପାଇଁ ଆଶ୍ରମର ଆବଶ୍ୟକତା କ'ଣ? ଭଲ ଲୋକମାନଙ୍କ ଦାୟିତ୍ୱ ମନ୍ଦ ଲୋକଙ୍କୁ ସୁଧାରିବା। ମଦ୍ୟପମାନେ ଏଠାକୁ ଆସିଲେ ଧୀରେ ଧୀରେ ପରିବର୍ତ୍ତନ ହେବେ। ଭଲଲୋକ ସେମାନଙ୍କୁ ପ୍ରତିବାଦ ବା ସେମାନଙ୍କ ବିରୋଧରେ ଅଭିଯୋଗ ଆଣିଲେ ନୁହେଁ; ବରଂ ମଦ୍ୟପମାନଙ୍କୁ ସ୍ନେହ, ଶ୍ରଦ୍ଧାଯୁକ୍ତ ବ୍ୟବହାର କଲେ ସେମାନେ ସୁଧୁରି ଯିବେ।'

କିଛି ଦିନ ପରେ ପୁଣି ସେହି ପ୍ରାର୍ଥନା ସଭା ଶେଷର ଜଣେ ଅଭିଯୋଗ କଲା, କିଛି ଲୋକ ବାହାରେ ଖଦଡ଼ ପିନ୍ଧି ହୋଟେଲ୍‌ରେ ଆମିଷ ଆଦି ଭୋଜନ କରୁଛନ୍ତି। ବାହାର ଲୋକମାନେ କହୁଛନ୍ତି, ଆଶ୍ରମର ଲୋକମାନେ ଅତି ଖରାପ। ସେମାନେ ଖଦଡ଼ ପିନ୍ଧୁଛନ୍ତି, ଏଣେ ଲୁଚି ଲୁଚି ଆମିଷ ଭୋଜନ କରୁଛନ୍ତି? ଏହା ଅତ୍ୟନ୍ତ ଅଶୁଭ କଥା।

ହସିଦେଲେ ଗାନ୍ଧିଜୀ। କହିଲେ ତୁମର ବୁଝିବା ଓଲଟା ହୋଇ ଯାଉଛି। ଖଦଡ଼ ପିନ୍ଧୁଥିବା ଲୋକ ଆମିଷ ପ୍ରତି ଆକୃଷ୍ଟ ହେଉ ନାହାନ୍ତି, ବରଂ ଆମିଷ ଭକ୍ଷଣ କରୁଥିବା ଲୋକ ଏବେ ପ୍ୟାଣ୍ଟ ସାର୍ଟ ଛାଡ଼ି ଖଦଡ଼ ଆଡ଼କୁ ଆକୃଷ୍ଟ ହେଲେଣି। ଏହା ଅଶୁଭ କଥା ନୁହେଁ; ଶୁଭ କଥା। ■

# ଚିହ୍ନା ଚିହ୍ନା ପୃଥିବୀ

ହଠାତ୍ ଫାଟକ ଦେଇ ପଶିଲେ ସାହେବ। ଫାଟକ ଡେଇଁ ପାହାଚ ଚଢ଼ିଲା ବେଳେ ବାମ ପାର୍ଶ୍ୱରେ ଶୋଇଛି ପିଅନ। ଅସ୍ତବ୍ୟସ୍ତ ପୋଷାକ ଓ ଶୋଇବାର ଶୈଳୀରୁ ଜାଣିଗଲେ ପିଅନର ଅବସ୍ଥା। ପାର୍ଶ୍ୱରେ ଠିଆ ହୋଇଥିବା ବାକି ତିନି ଜଣ ପିଅନ ବୁଝିନେଲେ ଜଜ୍ ସାହେବ କ'ଣ କରି ପାରନ୍ତି ତା'ର। ତା'ର ଚାକିରି ଚାଲିଯିବ ବୋଲି ଏକ ପ୍ରକାର ଧରିନେଲେ ସେମାନେ। ଆଉ ନିଜ ନିଜ ଭିତରେ ଏକ ପ୍ରକାର ଖୁସି ବି



ଦ୍ୱିତୀ ଚନ୍ଦ୍ର ସାହୁ

ହେଉଥିଲେ। ଜଜ୍ ସାହେବଙ୍କ ପାଖ ହେବା ଲାଗି ଚାଲିଥିବା ପ୍ରତିଯୋଗିତାରୁ ଜଣେ ବଳି ପଡ଼ିଯିବ। କିଛି ନ କହି ତୁରନ୍ତ ଭିତରକୁ ଗଲେ ଜଜ୍ ସାହେବ। ହାତ ବିଞ୍ଚଣା ଧରି ଆସିଲେ। ପାହାଚ ନିକଟରେ ବସିଲେ ଏବଂ ପଙ୍ଖା ହାତରେ ଘୁରେଇବାକୁ ଲାଗିଲେ ମଶା ଦାଉରୁ ମଣିଷଟିକୁ ରକ୍ଷା କରିବା ଲାଗି। ତା'ର ଅସ୍ତବ୍ୟସ୍ତ ପୋଷାକକୁ ସଜାଡ଼ିଲେ। ପାଖରେ ଥିବା ଅନ୍ୟ ତିନି ଜଣ ପିଅନଙ୍କୁ ତାକୁ ଭିତରକୁ ଆଣିବା ଲାଗି ନିର୍ଦ୍ଦେଶ ଦେଲେ। ଭିତରକୁ ନେଇ ପାଖରେ ବସିଲେ। ମଶା ବତୀ ଲଗେଇବାର ବ୍ୟବସ୍ଥା କଲେ। ନିଶାରେ ଚୁର୍ ପିଅନଟି ହୁଏତ ଉଠିବାରେ ବିଳମ୍ବ ହେବ। ସେଥିପାଇଁ ହୋଟେଲରୁ ରାତ୍ରି ଭୋଜନ ଆଣିବା ଲାଗି ବ୍ୟବସ୍ଥା ବି କଲେ। ଅନ୍ୟ ସମସ୍ତ ପିଅନ କାମ ସାରି ଘରକୁ ଫେରିଯିବା ପରେ ବି ତା'ର ନିଦ୍ରା ଭାଙ୍ଗି ନଥିଲା। ଅବସର ନେବାକୁ ଥିବା ଜଜ୍ ସାହେବଙ୍କ ସାଧାରଣ ବ୍ୟବହାର ଓ ଅମାୟିକପଣ ସେତେବେଳକୁ କଚେରି ସାରା ଜାଣି ସାରିଥିଲେ। କାହାର କ୍ଷତି କରିବାକୁ ଆଗ୍ରହୀ ନଥିବା ବିଚାରପତି କିନ୍ତୁ ଶୁଣାଣି ବେଳେ ବେଶ୍ କଠୋର ଥିଲେ। ବିରାଟକାୟ ବଙ୍ଗଳାରେ ଏକାକୀ ରହୁଥିବା ମଣିଷଙ୍କ ଲାଗି ଏତେ କୋଠରିର ଆବଶ୍ୟକତା ନାହିଁ ବୋଲି ହୃଦ୍‌ବୋଧ କରିଥିଲେ। ଶୋଇବା ଘର ଓ ବ୍ୟବହୃତ ଅନ୍ୟ କିଛି କୋଠରୀକୁ ଛାଡ଼ି ବାକି କୋଠରିରେ ତାଲା ପକେଇ ଦେଇଥିଲେ। ତାଙ୍କର ମତ ହେଲା, ଜଣେ ଲୋକ ପାଇଁ ଏତେ ବ୍ୟବସ୍ଥା ଅନାବଶ୍ୟକ। ତା' ସହିତ ଅପଚୟ ହେଉଥିବା ବିଦ୍ୟୁତ୍, ପାଣି ଓ ମାନବ ସମ୍ବଳକୁ ବି ରୋକାଯାଇ ପାରିବ। ଆଉ ଏଇ ଘଟଣା ପରେ ମଦୁଆ ପିଅନକୁ ଘର କାମ ଲାଗି ରଖି ବାକି ସବୁ ପିଅନଙ୍କୁ କଚେରି କାମ ଲାଗି ବଦଳି କରି ଦେଇଥିଲେ। ବିଚାରପତିଙ୍କ ଏଭଳି ପଦକ୍ଷେପରେ ସମସ୍ତ ଓକିଲ ଓ କଚେରି କର୍ମଚାରୀ ବି ସ୍ତବ୍ଧ ହୋଇ ଯାଇଥିଲେ। କିନ୍ତୁ ଅନ୍ୟତ୍ର ବଦଳି ହେତୁ ସହର ଛାଡ଼ିବା ବେଳେ ଜଣେ କିଏ ଆଗ୍ରହକ୍ରମେ ପିଅନ ବୃତ୍ତାନ୍ତ ଜାଣିବାକୁ ଚାହିଁଲେ। ବିଚାରପତି ସମସ୍ତ ବୃତ୍ତାନ୍ତ କହିଲେ। ମଦୁଆ ପିଅନ ବାସ୍ତବରେ ଭଲ କାମିକା ବ୍ୟକ୍ତି ଥିଲା। ଜନଜାତି ବର୍ଗର ହୋଇ ଥିବାରୁ ପରମ୍ପରା ହେତୁ ଅଭ୍ୟାସବଶତଃ ସେଦିନ ମଦ ପିଇ ଦେଇଥିଲା। ଏକଥାକୁ ସେଦିନ କାଳେ ସେ ହୃଦ୍‌ବୋଧ କରିଥିଲେ। ଆଉ ଏଭଳି ଲୋକଙ୍କୁ ଅନ୍ୟତ୍ର ବଦଳି କଲେ ହୁଏତ ଅନ୍ୟ କୋଉ କଚେରିରେ ଏଭଳି ଆଚରଣ ଲାଗି ତାର ଚାକିରି ଚାଲି ଯିବାର ବିପଦ ରହିପାରେ। ନିଜ ପାଖରେ ରଖି ସୁଧାରିବାର ସୁଯୋଗ ଦେବା ବୁଦ୍ଧିମାନର କାମ ଭାବି ନିଜ ପାଖରେ ରଖିଲେ। ନିଶା ଭଙ୍ଗ ପରେ ଲୋକଟି ଭୁଲ୍ ବୁଝି ଜଜ୍ ସାହେବଙ୍କ ଗୋଡ଼ହାତ ଧରି କାଳେ ନେହୁରା ହୋଇଥିଲା ସେଦିନ ରାତିରେ ବହୁତ। ଜଜ୍ ସାହେବଙ୍କ ପରାମର୍ଶକ୍ରମେ ତା' ପରବର୍ତ୍ତୀ ସମୟରେ ସେ ମଦ ପିଇବା ଛାଡ଼ି ଦେଇଥିଲା। ଆଉ ସୁଧାର ମଣିଷଟିଏ ହୋଇଥିଲା। ଏଭଳି ଏକ ଜିଲ୍ଲା ଜଜ୍‌ଙ୍କ ବ୍ୟବହାର ସେଦିନ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲା। ବୁଝିବାକୁ ବାକି ରହିଲାନି ଯେ ପଦବୀ ଓ କ୍ଷମତାରେ ସମସ୍ତେ ଅନ୍ଧ ନୁହନ୍ତି। ଭଲ ମଣିଷ ବି ଦୁନିଆରେ ଅଛନ୍ତି। ଜଣଙ୍କ ପ୍ରତି ଅତୁଟ ବିଶ୍ୱାସ ଓ ସହାନୁଭୂତିରେ ବି ମଣିଷର ଆଚରଣକୁ ପରିବର୍ତ୍ତନ କରାଯାଇ ପାରିବ। ମାନବିକତା ଆଗରେ ବାକି ସବୁ ବଳ ଓ କଳ ତୁଚ୍ଛ। ଜୀବନ ବଞ୍ଚିବାର ଅଛି ତ ସ୍ନେହ, ପ୍ରେମ ଓ ଭଲ ପାଇବା ଦେଇ ଅନ୍ୟକୁ ମୋହିତ କରି ବଞ୍ଚି ହେବ। ଏତେସବୁ ମହତପଣକୁ ନେଇ ଯେଉଁଠି ସ୍ୱାଭିମାନର ଆସନରେ ଆସୀନ ହୋଇ ବଞ୍ଚି ପାରୁଥିବା ମଣିଷ ଏଠି ଅର୍ଥ ଓ କ୍ଷମତା ଲୋଭରେ ଅନେକ କିଛି କରିପାରେ। ଏଠି ପ୍ରଚୁର ଅର୍ଥ ଆତ୍ମସାତ୍ କରିଥିବା ସରକାରୀ ବାବୁମାନେ ଅର୍ଥ ବଳରେ ବି ନିଜର ଜୀବନ ବଞ୍ଚାଇ ପାରନ୍ତିନି। କରୋନାରେ ଅନେକ ବିତ୍ତଶାଳୀ ମଣିଷ ସମୟ ଗର୍ଭରେ ଲୀନ ହୋଇଗଲେ। ତଥାପି ବେଶ୍ କିଛି ମଣିଷଙ୍କ ଲୋଭ ଅସୀମ। କ୍ଷମତାର ଅପବ୍ୟବହାର କରି ଗୋଟେଇ ସାଉଁଟି ନେବାରେ ଅନେକେ ବିଭୋର। ଶାଗମାଛ ମୂଲରେ ମାନବିକତାର ବିକାକିଣା କରନ୍ତି। ଦୟା, କରୁଣା, ସହାୟତା, ସହଯୋଗ ଭଳି ମାନବୀୟ ଗୁଣଠାରୁ ଏମାନେ ଥାଆନ୍ତି ବହୁ ଦୂରରେ। ଗୋଟିଏ ବେପାରୀ ମନ ଏମାନଙ୍କ ଭିତରେ ସବାର ହୋଇଥାଏ। ଦୁନିଆରେ ଘଟୁଥିବା ସୁନ୍ଦର ଘଟଣାସବୁ କିଛି ପ୍ରଭାବ ପକାଇ ପାରେନା ଏମାନଙ୍କ ଉପରେ। ଅସଂଖ୍ୟ ପ୍ରେରଣାପ୍ରଦ ବ୍ୟକ୍ତିତ୍ୱଙ୍କ ବିଚାର ଓ ମୂଲ୍ୟବୋଧ ତୁଚ୍ଛ ବୋଧହୁଏ ଏମାନଙ୍କୁ। ମଣିଷ କାହିଁକି, ପଶୁ, ପକ୍ଷୀ ଭଳି ପ୍ରାଣୀଙ୍କ ପ୍ରତି ସଦୟ ହୋଇ ଜୀବନକୁ ଉତ୍ସର୍ଗ କରିଥିବା ମଣିଷଙ୍କର ଏଠି ଅଭାବ ନାହିଁ। ତଥାପି ଲୋଭ ଗ୍ରାସେ କେତେକ ମଣିଷଙ୍କୁ। ଅମଣିଷ ହୋଇଯାନ୍ତି ନିମିଷକରେ। ହତ୍ୟା, ବ୍ୟଭିଚାର, ଲୁଣ୍ଠନ, ଦୁଷ୍କର୍ମ ଭଳି ପାପର ପଙ୍କରେ ଉବୁଟୁବୁ ହୁଅନ୍ତି। ଜୀବନ ସବୁବେଳେ ସ୍ୱାର୍ଥସର୍ବସ୍ୱ ନୁହେଁ। ବୃତ୍ତିଗତ କର୍ମଠାରୁ ମଣିଷର ଅଲଗା ଦୁନିଆ ବି ଅଛି। ସେଇ ଦୁନିଆର ଚିତ୍ର ଚରିତ୍ରକୁ ଅନ୍ତତଃ ଥରେ ଗଭୀର ଦୃଷ୍ଟିଭଙ୍ଗୀରେ ଦେଖିବାକୁ ହେବ। ଆମ ନଜରକୁ ବଦଳେଇବାକୁ ହେବ। ଆମର ସାମାଜିକ ଦାୟିତ୍ୱବୋଧକୁ ହେଜିବାକୁ ହେବ। ଅନ୍ତତଃ ଖରାପ ମାର୍ଗରେ ଯାଉଥିବା ମଣିଷଙ୍କ ପରିଣତି କେତେ ଭୟାନକ ଏବଂ ଶେଷ ଜୀବନ କେତେ କରୁଣ ହୋଇଥାଏ, ତାହା ମର୍ମେ ମର୍ମେ ଅନୁଭବ କରିବା ଆବଶ୍ୟକ। ଯେଉଁଠି ସବୁ ଖରାପଙ୍କ ପରିଣତି ସଙ୍ଗିନ, ସେଠି ଜଜ୍ ସାହେବଙ୍କ ଭଳି ଉଦାର ମଣିଷଙ୍କ ବ୍ୟବହାର ଅବର୍ଣ୍ଣନୀୟ। ଏଇ ଟିକିଏ ଫରକକୁ ଚିହ୍ନିବା ହିଁ ଆମ ପ୍ରକୃତ କାମ। କାରଣ ଚିହ୍ନା ଚିହ୍ନା ଆମ ଚାରିପାଖର ପୃଥିବୀ ସବୁବେଳେ ଖୁବ ନିଜର ଓ ଆତ୍ମୀୟ, ନୁହେଁ କି? ■

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼
ମୋ: ୯୫୫୬୨୮୭୭୭୫
dwitisahu@gmail.com

## ସମ୍ପାଦକଙ୍କୁ ପତ୍ର

### ଭଲ କର୍ମ କରିବାକୁ ଭୁଲ ନାହିଁ

ସବୁ ଲୋକ ନିଜ ଇଚ୍ଛାରେ ଜୀବନ ବିତେଇଥାନ୍ତି। ସମସ୍ତଙ୍କର ଜୀବନ ଶୈଳୀ ଅଲଗା ଅଲଗା। କିଛି ଲୋକ ନିଜର ଜୀବନଯାପନ ବହୁତ ସାଧାରଣ ଭାବରେ କରନ୍ତି ତ ଆଉ କିଛି ଲୋକ ଏମିତି କରନ୍ତି ଯାହାକୁ ସେମାନେ ମରିବା ପରେ ମଧ୍ୟ ଲୋକମାନେ ମନେ ରଖିଥାନ୍ତି। ନିଜର ଜୀବନ ଶୈଳୀ ନିଜ ମନରୁ ଜାଗ୍ରତ ହୋଇଥାଏ। ଯଦି ଆମେ ସାଧାରଣ ଜୀବନଯାପନ କଥା କହିବା, ତାହା ହେଉଛି- ଯେଉଁଥିରେ ବ୍ୟକ୍ତି ଜନ୍ମ ନିଏ, ପାଠ ପଢ଼େ, ଚାକିରି କରେ, ବାହା ହୁଏ, ସନ୍ତାନ ଜନ୍ମ କରେ ଆଉ ଶେଷରେ ମରିଯାଏ। ଏହାକୁ କ'ଣ ଏକ ସାର୍ଥକ ଜୀବନ କହନ୍ତି? ସେଥିପାଇଁ କିଛି ଅଲଗା କରିବା ଉଚିତ, ଯେଉଁଥିରେ ଲୋକମାନେ ଆମ ପଛରେ ମଧ୍ୟ ଆମର ପ୍ରଶଂସା କରୁଥିବେ; ସେମାନେ ଆଗକୁ ଆସି ନ କହନ୍ତୁ ପଛେ। ଯଦି ବ୍ୟକ୍ତିକୁ ଜୀବନରେ କିଛି ଭଲ କାମ କରିବାକୁ ପଡ଼େ, ତା'ହେଲେ ସେ ପ୍ରଥମେ ନିଜର ସଂଘ ସମ୍ପର୍କରେ ଧ୍ୟାନ ରଖିବା ବିଧେୟ। ସଂଘର ଯେମିତି ପରିଚୟ ରହିଛି, ସେ ସେମିତି କାର୍ଯ୍ୟ କରିବେ। ଜୀବନରେ ସଂଘର ମୂଲ୍ୟ ବହୁତ ଅଧିକ। ଜୀବନର ଶେଷ ସମୟରେ ନିଜ ମନରେ ଏହି କଥାକୁ କେବେ ଆଣିବେନି ଯେ ଜୀବନରେ ବହୁତ ଧନ ଉପାର୍ଜନ କଲି, କିନ୍ତୁ କିଛି ଭଲ କାର୍ଯ୍ୟ କରି ପାରିଲିନି। ପ୍ରକୃତରେ ଜୀବନରେ ଧନ ଉପାର୍ଜନ କରିବା ମଧ୍ୟ ଜରୁରୀ, କିନ୍ତୁ ନିଜ ଜୀବନରେ ଯଦି କିଛି ଭଲ କାର୍ଯ୍ୟ କରିଛ, ତା'ହେଲେ ଶେଷ ସମୟରେ ଯମରାଜଙ୍କୁ ଭୟ କରିବାର କୌଣସି କାରଣ ନାହିଁ। ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବାକୁ ଯମକୁ ଆୟୁଷ ମାଗିବାର ଆବଶ୍ୟକତା ମଧ୍ୟ ପଡ଼ିବନି। ଏ ଅବସର ମଧ୍ୟ କେବେ ମିଳିବନି। ଏମିତି ପରିସ୍ଥିତିରେ କ'ଣ ଲାଭ ଏସବୁ ବିଷୟରେ ଚିନ୍ତା କରି। ତେଣୁ ଜୀବନରେ ଧନ ଉପାର୍ଜନ କରିବା, କିନ୍ତୁ ଭଲ କାର୍ଯ୍ୟ କରିବାକୁ ମଧ୍ୟ ଭୁଲିବା ନାହିଁ। ■

ମନୋଜ କୁମାର ବେହେରା, ୨୧୭
ୟୁନିଟ-୯ (ଫ୍ଲାଟ), ବାୟାବାବା ମଠ ଲେନ, ଭୁବନେଶ୍ୱର

**ଅନୁରୋଧ**

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ। -ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com